TechNRRI -169




# ସି ଆର ଧାନ ୩୦୪
## ଉତ୍ପାଦନ କୌଶଳ

ଏମ.କେ. କର, ଏଲ. କେ. ବୋଷ, ଏସ. କେ. ଦାଶ, ପି.ସି. ରଥ, ଏସ. କେ. ପ୍ରଧାନ, ଏସ. କେ. ମିଶ୍ର, ଏସ.ସାହା, ଏ. ମହାନ୍ତି ଏବଂ ଏମ. ଜେନା

ସି ଆର ଧାନ ୩୦୪ ଧାନ କିସମଟି ଜାତୀୟ ଧାନ ଗବେଷଣା ଅନୁଷ୍ଠାନ ଦ୍ଵାରା ବିକଶିତ କରାଯାଇଛି । ଏହି ଧାନ କିସମଟି "ତପସ୍ଵିନୀ" ଓ "ଆଇଇଟି ୧୭୭୧୧" ଧାନ କିସମର ସଙ୍ଗମ ଦ୍ଵାରା ବିକଶିତ ହୋଇଛି । ଏହା ଓଡିଶା ଓ ପଶ୍ଚିମ ବଙ୍ଗ ର ଜଳସେଚିତ ଅଂଚଳ ଗୁଡିକ ପାଇଁ କେନ୍ଦ୍ରୀୟ କିସମ ଅନୁମୋଦନ ସବ କମିଟି ଦ୍ଵାରା ଅନୁମୋଦିତ ହୋଇଛି । ଏହି ଧାନ କିସମଟି କମ ଉଚ୍ଚତା ବିଶିଷ୍ଟ ଏବଂ ଏହା ୧୨୫-୧୩୦ ଦିନ ମଧ୍ୟରେ ପରିପକ୍ୱ ହୋଇଥାଏ । ଏହାର ଉତ୍ପାଦନ କ୍ଷମତା ହେକ୍ଟର ପିଛା ୭.୦ ଟନ ଏବଂ ଏହା ଗଲ ମିଜ ପୋକକୁ ପ୍ରତିରୋଧ କରି ପାରେ । ସିଆର ଧାନ ୩୦୪ ଜଳସେଚିତ ମଧ୍ୟମ କିସମର ଜମି ଗୁଡିକ ପାଇଁ ଉପଯୁକ୍ତ । ଏହା ଉଭୟ ରବି ଓ ଖରିଫ ଋତୁ ରେ ଚାଷ କରା ଯାଇପାରିବ ।

## ଚାଷ ପ୍ରଣାଳୀ

### ତଳିଘେରା ପ୍ରସ୍ତୁତି

- ତଳିଘେରା ଜମିକୁ ଭଲ ଭାବେ ଚାଷ କରି ସମତୁଲ କରାଯାଏ । ତଳିଘେରା ଜମିକୁ ଉଚ୍ଚ କରାଯାଇଥାଏ । ୧.୦ ମିଟର ପ୍ରସ୍ଥ ଏବଂ ଦରକାର ମୁତାବକ ଲମ୍ୱା ରଖାଯାଏ । ଏକ ବେଡ଼ରୁ ଅନ୍ୟ ବେଡ଼ଟି ୪୦ ସେ.ମି. ଦୂରତା ରଖାଯାଇଥାଏ । ପାଖାପାଖି ୧ ଏକର ଜମି ରୋଇବା ପାଇଁ ୧୦ ଡ଼ିସିମିଲ ଜମି ତଳିଘେରା ପାଇଁ ନିଆଯାଇଥାଏ ।

## ବିହନ ଚୟନ ଓ ମାତ୍ରା

- ଭରସାଯୋଗ୍ୟ ସ୍ଥାନରୁ ଆନୁବଂଶିକ ଶୁଦ୍ଧତା ବିଶିଷ୍ଟ ବିହନ ସଂଗ୍ରହ କରାଯିବା ଆବଶ୍ୟକ।
- ଆବଶ୍ୟକ ପରିମାଣରେ ଲୁଣ ଦ୍ରବଣ ହୃଷ୍ଟପୃଷ୍ଟ ବିହନ ଚୟନ ପାଇଁ ଦରକାର ପଡିଥାଏ । ଉପଯୁକ୍ତ ସାନ୍ଦ୍ରତା ପାଇଁ ୧.୦ ଲିଟର ପାଣିରେ ୬୦ ଗ୍ରାମ ସାଧାରଣ ଲୁଣକୁ ମିଶାଇ ଦ୍ରବଣ ପ୍ରସ୍ତୁତ କରନ୍ତୁ।
- ଲୁଣ ଦ୍ରବଣରେ ଧାନକୁ ବୁଡ଼ାଯାଏ, ଉପରେ ଭାସୁଥିବା ଅଳିଆ ଅଗାଡି ଆଦିକୁ ବାହାର କରି ଦିଆଯାଏ ଏବଂ ତାପରେ ଭଲ ପାଣିରେ ମଞ୍ଜିକୁ ଧୋଇ ବାହାର କରିଦିଆଯାଏ।
- ରୁଆ ଧାନ ପାଇଁ ପ୍ରତି ହେକ୍ଟର ପିଛା ୩୦-୪୦ କି.ଗ୍ରା. ବିହନ ଆବଶ୍ୟକ।

## ବିହନ ବିଶୋଧନ

- ପ୍ରତି କି.ଗ୍ରା. ବିହନ ପାଇଁ ବାଭିଷ୍ଟିନ କିମ୍ବା ଆଗ୍ରୋସେନ- ଜି.ଏନ. କିମ୍ବା ସେରେସାନ ୨ ଗ୍ରାମ ହିସାବରେ ଭଲଭାବରେ ଗୋଳାଇ ଦିଆଯାଏ । ଏଥିପାଇଁ ମଞ୍ଜି ଗୋଳାଇବା ଯନ୍ତ୍ର ବ୍ୟବହାର କରାଯାଇପାରିବ।
- ଯଦି ତଳି ଶଯ୍ୟା ଆର୍ଦ୍ର ଥାଏ, ତାହେଲେ ବିହନ ଗଜା ହେବାପାଇଁ ରଖିବା ସମୟରେ ଏହାକୁ ବିଶୋଧନ କରା ଯାଇ ପାରିବ।
- **ବିହନ ବୁଣିବା ସମୟ**
- ଖରିଫ ଋତୁ: ଜୁନ ମାସ ପ୍ରଥମ ସପ୍ତାହ ସୁଦ୍ଧା ତଳି ଶଯ୍ୟା ରେ ବିହନ ବୁଣାଯିବା ଉଚିତ।
- ରବି ଋତୁ: ନଭେମ୍ବର ମାସ ଶେଷ ଓ ଡ଼ିସେମ୍ବର ମାସ ମଧ୍ୟ ଭାଗ ସୁଦ୍ଧା ତଳି ଶଯ୍ୟା ରେ ବିହନ ବୁଣାଯିବା ଉଚିତ।

## ତଳିଘେରା ପରିଚାଳନା

- ବିହନ କୁ ୨୪ ଘଣ୍ଟା ପର୍ଯ୍ୟନ୍ତ ବତୁରାଯାଏ, ଜଳକୁ ଭଲଭାବେ ନିଷ୍କାସନ କରିବା ପରେ ମଞ୍ଜିକୁ ଗଜା କରିବା ପାଇଁ ଅଖା ଦ୍ୱାରା ଘୋଡେଇ ଦିଆ ଯାଏ।
- ଗଜା ବାହାରିଥିବା ବିହନକୁ ତଳି ଘେରାରେ ବୁଣାଯାଏ ଏବଂ ତଳିଘେରା କୁ ୫-୭ ଦିନ ପର୍ଯ୍ୟନ୍ତ ଓଦା ରଖାଯାଏ।
- ତଳି ୧ ଇଞ୍ଚ ଲମ୍ବା ହେବା ପର୍ଯ୍ୟନ୍ତ ପାଣିର ଏକ ପତଳା ସ୍ତର ରଖାଯାଇଥାଏ।
- ତଳି ଓପାଡିବାର ୭ ଦିନ ପୂର୍ବରୁ ଆବଶ୍ୟକ ମାତ୍ରାରେ ସାର ବ୍ୟବହାର କରାଯାଏ।

## ଜମି ପ୍ରସ୍ତୁତି

- ଜମି କୁ ଟ୍ରାକ୍ଟର ଚାଳିତ କିମ୍ବା ବଳଦଟଣା ଲଙ୍ଗଳ ଦ୍ୱାରା ଶୁଖିଲା ଅବସ୍ଥାରେ ହଳ କରାଯିବା ଉଚିତ ଓ ହଳ କରିବା ସମୟରେ ୫ ଟନ/ହେକ୍ଟର ହିସାବରେ ଗୋବର ଖତ ବ୍ୟବହାର କରାଯିବା ଉଚିତ।
- ୭-୧୦ ଦିନ ଅନ୍ତରରେ ଜମିକୁ ଚାଷକରି ୨ ଥର କାଦୁଅ କରାଯାଏ, ଫଳରେ ଘାସ ନିୟନ୍ତ୍ରଣ ସହିତ ଖାଦ୍ୟସାରର ଉପଲବ୍ଧତା ବଢିଥାଏ। ମଇ ବ୍ୟବହାର କରି ଜମିକୁ ସମତୁଲ କରାଯିବା ଦ୍ୱାରା ଜମିରେ ପାଣି ସ୍ତର ସମାନ ରହେ।

## ତଳି ରୁଆ ଓ ଲଗେଇବା ଦୂରତା

- ଖରିଫ ଋତୁ ପାଇଁ ଜୁଲାଇ ମାସ ମଧ୍ୟ ଭାଗ ଓ ରବି ଋତୁ ପାଇଁ ଜାନୁଆରୀ ମାସ ମଧ୍ୟ ଭାଗ ମଧ୍ୟରେ ତଳି ରୁଆ ଯାଇଥାଏ । ପ୍ରତି ବୁଦା ୨-୩ ଟି ତଳି ହିସାବରେ ୨୦×୧୫ ସେ.ମି. ବ୍ୟବଧାନରେ ଲଗାଯାଏ।
- ୭ ଦିନ ପରେ ଖାଲି ପଡିଥିବା ସ୍ଥାନ ମାନଙ୍କରେ ତଳି ଲଗେଇବା ଉଚିତ । ଦରକାର ପଡିଲେ ଖାଲି ସ୍ଥାନରେ ପିଲରେ ଥିବା ଧାନ ଗଛ ବ୍ୟବହାର କରି ତଳି ଦ୍ୱିତୀୟଥର ଲଗେଇବା ଉଚିତ।

## ରାସାୟନିକ ଖାଦ୍ୟସାର ପରିଚାଳନା

- ଯବକ୍ଷାରଜାନ: ଫସଫରସ: ପଟାସ କୁ ୮୦: ୪୦: ୪୦ କି.ଗ୍ରା. ପ୍ରତି ହେକ୍ଟର ହିସାବରେ ବ୍ୟବହାର କରାଯାଏ।
- ମୂଳ ସାର ରୂପେ ଯବକ୍ଷାରଜାନ ସାର ର ଅଧା, ପୂର୍ଣ୍ଣ ମାତ୍ରା ରେ ଫସଫରସ, ଏକ ତୃତୀୟାଂଶ ପଟାସ ସାରକୁ ପ୍ରୟୋଗ କରାଯାଏ। ଅବଶିଷ୍ଟ ଯବକ୍ଷାରଜାନ ସାରକୁ ୨ ଭାଗ କରି ୧ ଭାଗ ରୋପଣର ୩ ସପ୍ତାହ ପରେ ଏବଂ ଅନ୍ୟ ଭାଗଟି ଥୋଡ ସାର ରୂପେ ପ୍ରୟୋଗ କରାଯାଏ ବାକି ଥିବା ଦୁଇ ତୃତୀୟାଂଶ ପଟାସ ସାର ଥୋଡ ସାର ରୂପେ ପ୍ରୟୋଗ କରାଯାଏ।
- ଯବକ୍ଷାରଜାନ ସାରକୁ ପିଲ ଏବଂ ଥୋଡ ସାର ରୂପେ ବ୍ୟବହାର କରିବା ସମୟରେ ଜଳନିଷ୍କାସନ କରିବା ଏବଂ ସାର ପ୍ରୟୋଗର ୨୪-୩୬ ଘଣ୍ଟା ପରେ ପୁଣି ଜଳସେଚନ କରିବା ଉଚିତ।

## ଅନାବନା ଘାସ ନିୟନ୍ତ୍ରଣ

- ପ୍ରତି ହେକ୍ଟର ଜମି ପାଇଁ, ବିସପାଇରିବାକ ସୋଡ଼ିଅମ ୩୨୦ ମି.ଲି. କିମ୍ବା ଅଜିମସଲଫ୍ୟୁରାନ ୭୦ ଗ୍ରାମ କୁ ୫୦୦ ଲିଟର ପାଣିରେ ମିଶାଇ ତଳି ରୁଆ ହେବାର ୧୦ ଦିନ ପରେ ଛିଞ୍ଚିବା ଦ୍ୱାରା ଘାସ ନିୟନ୍ତ୍ରଣ କରାଯାଇପାରିବ।

## ଜଳ ପରିଚାଳନା

- ତଳି ରୋପଣ ଏକ ସପ୍ତାହ ପର୍ଯ୍ୟନ୍ତ ଜମି ଆର୍ଦ୍ର ରଖିବା ଦ୍ୱାରା ଗଛ ସୁଦୃଢ ରହେ।
- ଫସଲ ବୃଦ୍ଧି ସମୟ ଠାରୁ କ୍ଷୀର ଢୋକିବା ଅବସ୍ଥାର ୧୫ ଦିନ ପର୍ଯ୍ୟନ୍ତ ୩-୫ ସେ.ମି. ର ଏକ ଜଳସ୍ତର ଜମିରେ ରଖାଯାଏ । କିନ୍ତୁ ଶୀର୍ଷ ସାର ପ୍ରୟୋଗ ପୂର୍ବରୁ ଜଳ ନିଷ୍କାସନ କରାଯାଇଥାଏ ଏବଂ ୨୪-୩୬ ଘଣ୍ଟା ପରେ ଜଳସେଚନ କରାଯାଇଥାଏ।

## ରୋଗ ପୋକ ପରିଚାଳନା

- ନିୟମିତ ପର୍ଯ୍ୟବେକ୍ଷଣ ତଥା ଆବଶ୍ୟକତା ଅନୁସାରେ କୀଟନାଶକ ପ୍ରୟୋଗ ଦ୍ୱାରା ରୋଗ ପୋକ ନିୟନ୍ତ୍ରଣ କରାଯାଇପାରିବ।
- କୀଟନାଶକ ପ୍ରୟୋଗ କରିବା ସମୟରେ ପ୍ରତି ହେକ୍ଟର ୫୦୦ ଲିଟର ପାଣି ବ୍ୟବହାର କରାଯିବା ଉଚିତ।

- ପତ୍ରପୋଡ଼ା ରୋଗ ର ଲକ୍ଷଣ ଦେଖାଗଲେ, ଜଳ ନିଷ୍କାସନ କରି ହେକ୍ଟର ପିଛା ୨୦ କେ.ଜି. ପଟାସ ସାର ପ୍ରୟୋଗ କରନ୍ତୁ ତଥା ପ୍ରତି ଲିଟର ପାଣିରେ ୧ ଗ୍ରା. ପ୍ଲାଣ୍ଟମାଇସିନ + ୩ ଗ୍ରା. କପର ଅକ୍ସିକ୍ଲୋରାଇଡ ମିଶାଇ ଛିଞ୍ଚନ୍ତୁ।
- ରବି ଋତୁ ରେ ହଳଦିଆ କାଣ୍ଡବିନ୍ଧା ପୋକ ମୁଖ୍ୟତଃ ଫସଲକୁ ଆକ୍ରମଣ କରିଥାଏ। ୨ ମି.ଲି. କ୍ଲୋରୋପାଇରିଫସ କୁ ୧ ଲିଟର ପାଣିରେ ମିଶାଇ ଦ୍ରବଣ ତିଆରି କରି ଧାନ ରୋପଣ ପୂର୍ବରୁ ଦ୍ରବଣରେ ତଳିକୁ ବୁଡାଇ ସାରା ରାତି ରଖିବା ଉଚିତ।
- ତଳି ରୁଆ ହେବା ୩୦ ଦିନ ପରେ ହେକ୍ଟର ପିଛା ୩୦ କି. ଗ୍ରା. ହିସାବରେ କାର୍ବୋଫ୍ୟୁରାନ ଗୁଣ୍ଡ ପ୍ରୟୋଗ ଦ୍ୱାରା କାଣ୍ଡବିନ୍ଧା ତଥା ଅନ୍ୟ ପୋକ ଗୁଡିକ ନିୟନ୍ତ୍ରଣ କରାଯାଇପାରିବ । କ୍ଲୋରାନଟ୍ରାନିଲିପ୍ରୋଲ (ଫଟେରା ୦.୪% ଜି. ଆର) କୁ ହେକ୍ଟର ପ୍ରତି ୧୦ କି. ଗ୍ରା. ପ୍ରୟୋଗ ଦ୍ୱାରା ମଧ କାଣ୍ଡବିନ୍ଧା ପୋକ ନିୟନ୍ତ୍ରଣ କରାଯାଇପାରିବ।
- ୧ ଲିଟର ପାଣିରେ ୧ ମି.ଲି. ଇମିଡାକ୍ଲୋପୀଡ କିମ୍ବା ୨ ମି.ଲି. କ୍ଲୋରୋପାଇରିଫସ ମିଶାଇ ପତ୍ର ଉପରେ ଛିଞ୍ଚିବା ଦ୍ୱାରା ଚକଡା ପୋକ, ମାଟିଆ ଗୁଣ୍ଡି ପୋକ, ପତ୍ରମୋଡା ପୋକ ଆଦି କୁ ନିୟନ୍ତ୍ରଣ କରାଯାଇପାରିବ।
- ରୋଗ ପୋକ ଆକ୍ରମଣରୁ ଫସଲକୁ ରକ୍ଷା କରିବା ପାଇଁ ହୁଡ଼ାବନ୍ଧ ଭଲଭାବେ ସଫା କରାଯିବା ଉଚିତ।

## ଅମଳ କରିବା ସୁଖେଇବା ଏବଂ ସାଇତି ରଖିବା

- ଫୁଲ ଆସିବାର ୨୫ -୩0 ଦିନ ପରେ ଫସଲ କାଟିବା ଉଚିତ।
- ଧାନ କାଟିବା ପରେ ଅମଳ କରି ୧୨% ଆର୍ଦ୍ରତା ରହିବା ଯାଏଁ ଶୁଖାଇବା ପରେ ସଂରକ୍ଷଣ କରିବା ଉଚିତ।

# ସି ଆର ଧାନ ୩୦୪

ଏନ. ଆର. ଆର. ଆଇ. ବୈଷୟିକ ଇସ୍ତାହାର - 169, ଅଗଷ୍ଟ 2021
ସର୍ବସ୍ୱତ୍ୱ ସଂରକ୍ଷିତ: ଭା.କୃ.ଅନୁ.ପ.- ଜାତୀୟ ଧାନ ଗବେଷଣା ଅନୁଷ୍ଠାନ

An ISO 9001: 2015 Certified Institute
ଟାଇପ ସେଟ: ଭା.କୃ.ଅନୁ.ପ.- ଜାତୀୟ ଧାନ ଗବେଷଣା ଅନୁଷ୍ଠାନ, କଟକ (ଓଡିଶା) ୭୫୩୦୦୬
ପ୍ରକାଶକ: ନିର୍ଦ୍ଦେଶକ, ଜାତୀୟ ଧାନ ଗବେଷଣା ଅନୁଷ୍ଠାନ, କଟକ